# NATIONAL NEWS BULLETIN (ODIA)

**21 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱର ଭବିଷ୍ୟତକୁ ଆକାର ଦେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଭାରତ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ପୋଲିସ୍ ସ୍ମୃତି ଦିବସରେ ଅମର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ

- ପ୍ରତିରକ୍ଷା ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆଜିଠାରୁ ୪ ଦିନିଆ ୟୁ.ଏ.ଇ. ଗସ୍ତ କରିବେ ନୌସେନା ମୁଖ୍ୟ

- ଆଜି ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହେବ ସାମୁଦ୍ରିକ ଝଡ଼ **ଦାନା**ର ଗତିପଥ

–ପରିସ୍ଥିତିର ମୁକାବିଲା ଲାଗି ଓଡ଼ିଶା ସରକାର ପ୍ରସ୍ତୁତ

ଏବଂ

- ତୀରନ୍ଦାଜ ବିଶ୍ୱକପ୍ ଫାଇନାଲ୍‌ରେ ରୌପ୍ୟ ପଦକ ହାସଲ କଲେ ଭାରତୀୟ କ୍ରୀଡ଼ାବିତ୍ ଦୀପିକା କୁମାରୀ

# ପ୍ରଧାନମନ୍ତ୍ରୀ-ଶିଖର ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ବିଶ୍ୱର ଭବିଷ୍ୟତକୁ ଆକାର ଦେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ଏବେ ଭାରତ ସମସ୍ତ କ୍ଷେତ୍ରରେ ଅଭୂତପୂର୍ବ ଉପଲବ୍ଧି ହାସଲ କରିବା ସହ ବିକାଶ ଦିଗରେ ଅଗ୍ରସର ହେଉଛି । ଏକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ବିଶ୍ୱ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାକୁ ବିଶ୍ୱ ମାନ୍ୟତା ପ୍ରଦାନ କରିଛି । ଯେତେବେଳେ ଭାରତ ଏ.ଆଇ.ଆକାଂକ୍ଷୀ ଦେଶରେ ପରିଣତ ହୋଇଛି । ସେ କହିଛନ୍ତି ଯେତେବେଳେ ସାରା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଗତି କରୁଥିଲା, ସେ ସମୟରେ ଭାରତ ସମସ୍ତଙ୍କ ପାଇଁ ଆଶାର ଆଲୋକ ପାଲଟିଥିଲା । କୋଭିଡ-୧୯, ବିଶ୍ୱ ଅର୍ଥବ୍ୟବସ୍ଥା, ମୁଦ୍ରାସ୍ଫୀତି, ବେରୋଜଗାରୀ, ଜଳବାୟୁ ପରିବର୍ତ୍ତନ ଏବଂ ଯୁଦ୍ଧ ଭଳି ପ୍ରସଙ୍ଗ ନେଇ ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ଏଭଳି ସ୍ଥିତି ଭାରତକୁ ପ୍ରଭାବିତ କରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଏନଡିଏ ସରକାର ତୃତୀୟ କାର୍ଯ୍ୟକାଳ ସମୟରେ ମାତ୍ର ୧୨୫ ଦିନ ମଧ୍ୟରେ ୯ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ନିର୍ମାଣ ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଛି ଏବଂ ସେହି ସମୟ ମଧ୍ୟରେ ୧୫ଟି ନୂଆ ବନ୍ଦେ ଭାରତ ରେଳଗାଡ଼ିର ଶୁଭାରମ୍ଭ କରିଛି ।

ସେ କହିଛନ୍ତି ଇତିମଧ୍ୟରେ ୮ଟି ବିମାନ ବନ୍ଦରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ୫ ଲକ୍ଷ ଘରର ଛାତ ଉପରେ ସୌରଯନ୍ତ୍ର ସ୍ଥାପନ କରାଯାଇଛି । ୧୨୫ ଦିନ ମଧ୍ୟରେ ଦେଶରେ ୯୦ କୋଟିରୁ ଅଧିକ

ଚାରା ରୋପଣ କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି ଏହି ସମୟ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରାପାଣ୍ଠି ୭ଶହ ବିଲିୟନ ଡଲାର ଅତିକ୍ରମ କରିଛି । ଡିଜିଟାଲ ଭବିଷ୍ୟତ ଏବଂ ଦୂରସଂଚାର କ୍ଷେତ୍ରରେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରାଯିବା ସହ ଫିନ୍‌ଟେକ୍ ମେଳା ଏବଂ ସେମିକଣ୍ଡକ୍ଟର ସମ୍ଭାବନା ଉପରେ ଆଲୋଚନା କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି ଭାରତ କେବଳ ଯୋଜନା ପ୍ରସ୍ତୁତ କରୁନାହିଁ, ବରଂ ଯୋଜନା ଗୁଡ଼ିକ କିଭଳି କାର୍ଯ୍ୟରେ ପରିଣତ ହେବ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ପ୍ରଦାନ କରୁଛି ।

## ପିଏମ୍-ପୋଲିସ୍ ସ୍ମୃତି ଦିବସ

ପୋଲିସ୍ ସ୍ମୃତି ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପୋଲିସ୍ କର୍ମଚାରୀମାନଙ୍କୁ ସେମାନଙ୍କ ବଳିଦାନ ନିମନ୍ତେ ସମ୍ମାନିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପୋଲିସ୍ କର୍ମଚାରୀମାନଙ୍କ ସମର୍ପଣ ଭାବନାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ପୋଲିସ୍ କର୍ମଚାରୀ ହେଉଛନ୍ତି ସାହସ ଏବଂ ଦୃଢ଼ ସଂକଳ୍ପର ନିଦର୍ଶନ ।

## ସ୍ୱରାଷ୍ଟ୍ରମନ୍ତ୍ରୀ-ପୋଲିସ୍

ପୋଲିସ୍ ସ୍ମୃତି ଦିବସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସର୍ବୋଚ୍ଚ ବଳିଦାନ ପୂର୍ବକ ଅମର ଶହୀଦମାନଙ୍କୁ ପ୍ରଣାମ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ପୋଲିସ୍ କର୍ମଚାରୀ ଏବଂ ସେମାନଙ୍କ ପରିବାର ଦ୍ୱାରା ରାଷ୍ଟ୍ର ସୁରକ୍ଷା ପାଇଁ ଦିଆଯାଇଥିବା ବଳିଦାନକୁ ସେ ସମ୍ମାନ କରୁଛନ୍ତି । ଆଜି ସକାଳେ ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ପୋଲିସ୍

ସ୍ମାରକରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ଶାହା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଂଜୟ କୁମାର, ଗୃହ ସଚିବ ଗୋବିନ୍ଦ ମୋହନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ରାଷ୍ଟ୍ରୀୟ ପୋଲିସ୍ ସ୍ମାରକରେ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଶ୍ରୀ ଶାହା କହିଛନ୍ତି ୩୬ ହଜାର ୪୬୮ ଜଣ ପୋଲିସ୍ କର୍ମଚାରୀ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଗତବର୍ଷ ୨୧୬ ଜଣ ପୋଲିସ୍ କର୍ମଚାରୀ ଶହୀଦ ହୋଇଛନ୍ତି । ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ଜାମ୍ମୁ କାଶ୍ମୀର, ପୂର୍ବାଞ୍ଚଳ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇଛି । ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରେ ବୀର ଯବାନମାନଙ୍କ ସମ୍ମାନରେ ଦିଲ୍ଲୀରେ ଏକ ପୋଲିସ୍ ସ୍ମାରକ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ । ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କ ପ୍ରତି ଦେଶ ସବୁବେଳେ କୃତଜ୍ଞ ରହିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ହରିଆଣା-ମୁଖ୍ୟମନ୍ତ୍ରୀ

ହରିଆଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସଇନି ମନ୍ତ୍ରୀମାନଙ୍କ ବିଭାଗ ବଣ୍ଟନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୨ଟି ବିଭାଗ ରହିଛି । ସେଗୁଡ଼ିକ ମଧ୍ୟାରେ ଗୃହ, ଅର୍ଥ, ସି.ଆଇ.ଡି., ଯୋଜନା ଏବଂ ଅବକାରୀ ବିଭାଗ ରହିଥିବା ଜଣାପଡ଼ିଛି । ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀ ଅନୀଲ ବିଜ୍‌ଙ୍କୁ ବିଦ୍ୟୁତ୍ ଏବଂ ପରିବହନ ବିଭାଗ ସହିତ ୩ଟି ବିଭାଗର ଦାୟିତ୍ୱ ଦିଆଯାଇଥିବା ବେଳେ ବିପୁଲ୍ ଗୋୟଲଙ୍କୁ ସହରୀ ବିକାଶ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ଦିଆଯାଇଛି । ଶ୍ରୀ କୃଷ୍ଣଲାଲ୍ ପାୱାରଙ୍କୁ ବିକାଶ ଏବଂ ପଞ୍ଚାୟତ, ରାଓ ନରବୀରଙ୍କୁ ଉଦ୍ୟୋଗ ଓ ପରିବେଶ,

ମହିପାଲ ସିଂଙ୍କୁ ଭିତ୍ତିଭୂମି ଓ ଶିକ୍ଷା ଏବଂ ଡକ୍ଟର ଅରବିନ୍ଦ ଶର୍ମାଙ୍କୁ ସହକାରୀତା ବିଭାଗ ଦାୟିତ୍ୱ ଦିଆଯାଇଛି । ସେହିପରି ଆରତୀ ରାଓଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜେଶ ନାଗରଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କରାଯାଇଛି । ଗୌରବ ଗୌତ୍ତମଙ୍କୁ ଯୁବ ଓ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି ।

## ନାଭାଲ୍ ଚିଫ୍-ୟୁଏଇ ଭିଜିଟ୍

ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ୍ ଦୀନେଶ କେ ତ୍ରିପାଠୀ ଆଜିଠାରୁ ୪ ଦିନିଆ ୟୁନାଇଟେଡ୍ ଆରବ ଏମିରେଟ୍ସ ଗସ୍ତ କରିବେ । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଦୃଢ଼ କରିବା ଏହି ଗସ୍ତର ଉଦ୍ଦେଶ୍ୟ । ଗସ୍ତ କାଳରେ ନୌସେନା ମୁଖ୍ୟ ୟୁ.ଏ.ଇ. ନୌସେନାର କମାଣ୍ଡର ରିୟର୍ ଆଡମିରାଲ୍ ପାଇଲଟ୍ ସୟିଦ୍ ବିନ୍ ହମ୍‌ଦା ଅଲ୍ ନ୍ୟାହାନ୍ ଙ୍କ ସହ ଆଲୋଚନା କରିବେ । ସେ ମଧ୍ୟ ସେଠାକାର ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ୟୁ.ଏ.ଇ.ରେ ଥିବା ରାଷ୍ଟ୍ରୀୟ ପ୍ରତିରକ୍ଷା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଆଡ୍‌ମିରାଲ୍ ତ୍ରିପାଠୀ ଭାବ ବିନିମୟ କରିବେ । ଭାରତ ଏବଂ ୟୁ.ଏ.ଇ. ମଧ୍ୟରେ ପ୍ରତିରକ୍ଷା ସମେତ ସାମୁଦ୍ରିକ ସୁରକ୍ଷା ନେଇ ଦୃଢ଼ ସହଯୋଗ ସୃଷ୍ଟି କରିବା ଲାଗି ବିଭିନ୍ନ ପ୍ରତିରକ୍ଷା ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି । ଦୁଇଦେଶ ମଧ୍ୟରେ ସମସ୍ତ କ୍ଷେତ୍ରରେ ରଣନୈତିକ ଭାଗିଦାରୀକୁ ଆହୁରି ଆଗକୁ ନେବା ଲାଗି ଏହି ଗସ୍ତ ଉଦ୍ଦିଷ୍ଟ ବୋଲି କୁହାଯାଇଛି ।

# ଓଡ଼ିଶା-ସାଇକ୍ଲୋନ୍

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ **ଦାନା** ଓଡ଼ିଶା ଉପକୂଳ ଆଡ଼କୁ ଗତି କରୁଛି । ଏହା ଆସନ୍ତା ଗୁରୁବାର ସକାଳେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୨୦ କିଲୋମିଟର ହେବ ବୋଲି ଆକଳନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟାର ଗତିପଥ ଅନୁସରଣ କରାଯାଉଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ଏହା ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ଓ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆସନ୍ତାକାଲି ସକାଳ ସୁଦ୍ଧା ଲଘୁଚାପରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ବୁଧବାର ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଘୂର୍ଣ୍ଣିବଳୟରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଗୁରୁବାର ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ସ୍ପର୍ଶ କରିବ ।

ସାମୁଦ୍ରିକ ଝଡ଼ **ଦାନା** ଓଡ଼ିଶା ଉପକୂଳରେ ସ୍ଥଳଭାଗ ସ୍ପର୍ଶ କରିବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

ସୂଚନା ଅନୁଯାୟୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଆଜି ସନ୍ଧ୍ୟାରେ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଟିମ୍ ଗୁଡ଼ିକ ଉପକୂଳବର୍ତ୍ତୀ ଜିଲ୍ଲା ଅଭିମୁଖେ ଯାତ୍ରା କରିବେ । ଆସନ୍ତାକାଲି ସୁଦ୍ଧା ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀଙ୍କୁ ଫେରିଆସିବାକୁ କୁହାଯାଇଛି । ସାମୁଦ୍ରିକ ଝଡ଼ **ଦାନା** ପ୍ରଭାବରେ ଆସନ୍ତା ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

## ପ୍ରଧାନ -ସିଙ୍ଗାପୁର ଗସ୍ତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନ୍ୟାଶନାଲ୍ ୟୁନିଭରସିଟି ଅଫ୍ ସିଙ୍ଗାପୁରର ଅଧ୍ୟକ୍ଷ ପ୍ରଫେସର ତାନ୍ ୟେଙ୍ଗ୍ ଚ୍ୟୋ ଙ୍କ ସହିତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି ଉଭୟ ଦେଶର ଶିକ୍ଷାନୁଷ୍ଠାନ ମଧ୍ୟରେ ଜ୍ଞାନ ଆଦାନ ପ୍ରଦାନ ଏବଂ ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ଆଲୋଚନା ହୋଇଛି । ସେ କହିଛନ୍ତି ଉଭୟ ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ଆପୋଷ ସହଯୋଗ ମାଧ୍ୟମରେ ସଫଳତା ହାସଲ କରିପାରିବେ । ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଭାରତୀୟ ଯୁବ ପିଢ଼ିକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଆନ୍ତର୍ଜାତିକ ମାନର ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ମହାରାଷ୍ଟ୍ର-ଆଚରଣବିଧି

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଚଳିତମାସ ୧୫ ତାରିଖରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । ମାତ୍ର ୫ ଦିନ ମଧ୍ୟରେ ସି-ଭିଜିଲ୍ ଆପ୍ ଜରିଆରେ ସାରା ରାଜ୍ୟରେ ୬୬୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି । ସେଗୁଡ଼ିକ ମଧ୍ୟରୁ ୬୬୦ଟି ଅଭିଯୋଗର ସମାଧାନ କରାଯାଇଥିବା ନିର୍ବାଚନ ଆୟୋଗ କହିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର କିରଣ କୁଲ୍‌କର୍ଣ୍ଣୀ କହିଛନ୍ତି ମହାରାଷ୍ଟ୍ରର ଯେକୌଣସି ଲୋକ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ସି-ଭିଜିଲ୍ ଆପ୍ ରେ କରିପାରିବେ ।

ଅନ୍ୟପକ୍ଷରେ ରାଜ୍ୟରେ ଚାଲିଥିବା କୌଣସି କଲ୍ୟାଣକାରୀ ଯୋଜନାରେ ନୂଆ ଲାଭାର୍ଥୀ ଚୟନ ନ କରିବା ଲାଗି ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆଚରଣ ବିଧି ସମୟରେ କୌଣସି ନୂଆ ଯୋଜନା ଏବଂ ଅନ୍ୟ ଯୋଜନାରେ ଅର୍ଥ ବିତରଣ ଭଳି ବିଷୟ ଘୋଷଣା କରାଯିବ ନାହିଁ । ତେବେ ଜରୁରୀ ବିଷୟ ଥିଲେ ନିର୍ବାଚନ ଆୟୋଗଙ୍କ ଅନୁମତି ନେବା ଅନିବାର୍ଯ୍ୟ ବୋଲି କୁହାଯାଇଛି ।

# ବ୍ରାଜିଲ୍-ପ୍ରେଜ୍ ଇଂଜିଓର

ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡିସିଲ୍‌ଭା ନିଜ ବାସଭବନରେ ପଡ଼ିଯିବା ଯୋଗୁଁ ମୁଣ୍ଡରେ ଆଘାତ ହୋଇଛି । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି କାରଣ ପାଇଁ ଆସନ୍ତା ଶିଖର ସମ୍ମିଳନୀରେ ସେ ଯୋଗଦେବେ ନାହିଁ ବୋଲି ଜଣାପଡ଼ିଛି । ସେଠାକାର ରାଷ୍ଟ୍ରପତିଙ୍କ

କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶିଖର ସମ୍ମିଳନୀରେ ଭାଗ ନେବେ । ତେବେ ବ୍ରାଜିଲ ସରକାରଙ୍କ ବୈଦେଶିକ ମନ୍ତ୍ରୀ ମଉରୋ ଭିଏରା ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ ।

## ତୀରନ୍ଦାଜ-ବିଶ୍ୱକପ୍

ମେକ୍ସିକୋ ରେ ଚାଲିଥିବା ତୀରନ୍ଦାଜ ବିଶ୍ୱକପ୍ ଫାଇନାଲ୍‌ରେ ଭାରତର ଦୀପିକା କୁମାରୀ ମହିଳା ରିକର୍ଭ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଫାଇନାଲ୍‌ରେ ସେ ଚୀନ୍‌ର ଲି ଜିଆମନଙ୍କଠାରୁ ପରାସ୍ତ ହୋଇଛନ୍ତି । ସେମିଫାଇନାଲ୍‌ରେ ଦୀପିକା, ମେକ୍ସିକୋର ଅଲ୍‌ହନ୍ଦ୍ରା ଭେଲୋସିଆଙ୍କୁ ୬-୪ ସେଟ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ । ପଞ୍ଚମ ଥର ଲାଗି ଦୀପିକା କୁମାରୀ ତୀରନ୍ଦାଜ ବିଶ୍ୱକପ୍‌ରେ ଉପବିଜେତା ହୋଇଛନ୍ତି ।